## ଆଜି କ'ଣ କେଉଁଠି

**ଧର୍ମଶାଳା**

- ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ୨୪ ବେଶ ଦର୍ଶନ ଓ ଡିଜିଟାଲ ଶିକ୍ଷା ସିବିର, ସ୍ଥାନ- ଭାଲୁଖାଇ ମନ୍ଦିର ପରିସର, ସମୟ- ସକାଳ ୮ ଘଟିକାଠାରୁ।

# ଘରୋଇ କମ୍ପାନୀ ଗାଡ଼ିରେ ନାଲିବତି

### ବ୍ୟବହାରକାରୀ ଜଣାପଡୁନାହାନ୍ତି

ଯାଜପୁର ଟାଉନ, ୭।୭ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ନାଲିବତି ଲଗାଇ ସରକାରୀ ଅଧିକାରୀ ଗାଡ଼ି ଚଢ଼ିବା ପାଇଁ ସ୍ୱତନ୍ତ୍ର ନିୟମ ଥିବାବେଳେ ଯାଜପୁରରେ ଏକ ଅଦ୍ଭୁତ କଥା ଦେଖିବାକୁ ମିଳିଛି। ଗୋଟିଏ ସ୍କୋର୍ପିଓ ଗାଡ଼ି ଯାହାକି ପ୍ରାଇଭେଟ୍ କମ୍ପାନୀ ନାମରେ ଥିବାବେଳେ ଏଥିରେ ନାଲିବତି ଲାଗି ବ୍ୟବହାରକାରୀ ଚଢୁଥିବା ଜଣାପଡ଼ିଛି। ମାତ୍ର ଗାଡ଼ିଟିକୁ କେଉଁ ଅଧିକାରୀ ବ୍ୟବହାର କରୁଛନ୍ତି ତାହା ଜଣାପଡିନାହିଁ। ଗତ ମଙ୍ଗଳବାର ଦୀର୍ଘ ସମୟ ଧରି ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗାଡ଼ିଟି ଛିଡାହୋଇ ରହିଥିଲା। ଏହି ଗାଡ଼ି ନଂ. ଓଡି-୦୨-ସିଏଫ୍-୬୧୭୧। ଗାଡ଼ିରେ କିଏ କେଉଁଥି ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ ତାହା ମଧ୍ୟ ଜଣାପଡ଼ି ନାହିଁ। ସାଧାରଣତଃ କୌଣସି ଅଧିକାରୀ ଗାଡ଼ି ବ୍ୟବହାର କରୁଥିଲେ ତାଙ୍କ ନାମ ଓ ପଦବୀର ସୂଚନା ଲେଖାଯାଇଥାଏ। ମାତ୍ର ଏହି ଗାଡିରେ କୌଣସି ଫଳକ ଲାଗି ନ ଥିବାବେଳେ ଗାଡି ନମ୍ବର ଅନୁଯାୟୀ ଡ୍ରିମ୍‌ୱେବ୍ ସେଲୁଲାର ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନାମରେ ରହିଥିବା ଜଣାପଡିଛି। ଗାଡିଟି କେଉଁ ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଛିଡ଼ା ହୋଇଥିଲା ଏବଂ କେଉଁ ଅଧିକାରୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ ତାକୁ ନେଇ କାହା ପାଖରେ ଉତ୍ତର ନ ଥିଲା। ଏହି ଗାଡି ଇକ୍‌ବାଲ ନାମକ ବ୍ୟକ୍ତିଙ୍କର ବୋଲି ଚଳାଉଥିବା ଡ୍ରାଇଭର କହୁଥିବାବେଳେ ବ୍ୟବହାର କରୁଥିବା ଅଧିକାରୀଙ୍କ ନାମ ସେ ପ୍ରକାଶ କରି ନ ଥିଲେ। ପ୍ରଶ୍ନ ଉଠୁଛି ଡ୍ରିମ୍‌ୱେବ୍ ସେଲୁଲାର ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ କିପରି ଗାଡିଟିକୁ ସରକାରୀ କାର୍ଯ୍ୟାଳୟରେ ଭଡ଼ା ସୂତ୍ରରେ ଲଗାଇପାରିଛି। କାହିଁକି ଏହି ଗାଡିରେ ସୂଚନା ଫଳକ ଲଗାଇ ଯାଇନାହିଁ ଏହା ସମସ୍ତଙ୍କୁ ବିସ୍ମିତ କରିଛି। ଗାଡ଼ି ବିଷୟରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ପଚାରିବାରେ ତାଙ୍କର କୌଣସି ଏ ସମ୍ପର୍କରେ ଜ୍ଞାନ ନାହିଁ ବୋଲି କହିବା ସହ ଗାଡ଼ିରେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ବୋଲି ସେ ପ୍ରକାଶ କରିଥିଲେ।



ନାଲିବତି ଲାଗିଥିବା ଘରୋଇ କମ୍ପାନୀ ଗାଡ଼ି।

## ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

**ଚଣ୍ଡିଖୋଲ,୭।୭(ପ୍ରଦୀପ୍ତ କୁମାର ପୃଷ୍ଟି):** ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଚ୍ୟୁତ ବସନ୍ତ ଗ୍ରାମର ଯଦୁନାଥ ଦଳେଇ(୫୦)ଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ସକାଳେ ୫୩ନଂ. ଜାତୀୟ ରାଜପଥର କୃଷ୍ଣଦାସପୁର ଛକ ନିକଟ ଏକ ଗଛରୁ ଜବତ କରାଯାଇଛି। ଶରୀରର ବିଭିନ୍ନ ସ୍ଥାନରେ ଦାଗ ଚିହ୍ନ ଥିବା ଓ ଗୋଡ଼ ତଳେ ଲାଗିଥିବାରୁ ତାଙ୍କୁ ହତ୍ୟା କରି ଟାଙ୍ଗି ଦିଆଯାଇଥିବା ତାଙ୍କ ସ୍ତ୍ରୀ ଦୁତିକା ଦଳେଇ ଥାନାରେ ଅଭିଯୋଗ କରିଛନ୍ତି। ଯଦୁନାଥଙ୍କ ଘର ଅଚ୍ୟୁତବସନ୍ତ ହୋଇଥିବାବେଳେ ସେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମାଣ୍ଡୁକା ଗ୍ରାମର ଘରଜ୍ୱାଇଁଆ ଭାବେ ରହିଆସୁଥିଲେ। ଗୁରୁବାର ତାଙ୍କୁ ୩ଜଣ ବ୍ୟକ୍ତି ଘରୁ ଡ଼ାକି ନେଇଥିବାବେଳେ ସେ ଆଉ ଫେରି ନ ଥିଲେ। ଶୁକ୍ରବାର ସକାଳେ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ତାଙ୍କୁ ଦେଖିବାକୁ ମିଳିଥିଲା। ତେବେ ଯେଉଁ ଗଛରୁ ତାଙ୍କ ଝୁଲନ୍ତା ମୃତଦେହ ଜବତ କରାଗଲା ତାହା ମାହାଙ୍ଗା ଥାନା ଅଞ୍ଚଳରେ ଯାଉଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ପ୍ରଥମେ ବାଲିଚନ୍ଦ୍ରପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିବାବେଳେ ସ୍ଥାନ ଚିହ୍ନଟ ପ୍ରକ୍ରିୟାରେ ଏହା ମାହାଙ୍ଗା ଥାନା ସୀମାକୁ ପଳାଇ ଯାଇଥିବାରୁ ମାହାଙ୍ଗା ପୋଲିସକୁ ଖବର ଦିଆଯାଇଥିଲା। ମାହାଙ୍ଗା ପୋଲିସ ଆସି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ


ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

କୋରେଇ,୭।୭(ଚନ୍ଦ୍ରକାନ୍ତ ପତି)

କୋରେଇ ଥାନା ଅନ୍ତର୍ଗତ ଧନେଶ୍ୱର ଗ୍ରାମରେ ଶୁକ୍ରବାର ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଶ୍ରୀଧର ମଲିକ। ସେ ସକାଳେ ଗ୍ରାମ ନିକଟରେ ଥିବା ଏକ ପୋଖରୀକୁ ଶୌଚ ହେବାକୁ ଯାଇଥିବାବେଳେ ଅସାବଧାନତାବଶତଃ ବୁଡ଼ିଯାଇଥିଲେ। ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ଯାଜପୁରରୋଡ୍ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ବୃଦ୍ଧଙ୍କ ମୃତଦେହ ବାହାର କରିଥିଲେ। ଏହି ଘଟଣାପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଧନେଶ୍ୱର ଗାଁ ନିକଟରେ କୋରେଇ-ଧନେଶ୍ୱର ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ଦାବିପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲା। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହେଇଥିଲା। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସଂଘମିତ୍ରା ନାୟକ ସୂଚନା ଦେଇଛନ୍ତି।

## ଇନ୍ସପେକ୍ଟରସ୍ତରରେ ବଦଳି

ଯାଜପୁର,୭।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ୧୬ ଜଣ ଇନ୍ସପେକ୍ଟରଙ୍କ ଅନ୍ୟ ଜିଲାକୁ ବଦଳି ହୋଇଛି। ଏନେଇ ଆଇଜି ଅଫ ପୋଲିସ(ସିଆର)ଙ୍କ ପକ୍ଷରୁ ଶୁକ୍ରବାର ନୋଟିସ ଜାରି କରାଯାଇଛି। ଉକ୍ତ ନୋଟିସ ଅନୁସାରେ ଯାଜପୁର ଜିଲାର ଇନ୍ସପେକ୍ଟର ଅଜୟ କୁମାର ଜେନାଙ୍କୁ କେନ୍ଦ୍ରାପଡ଼ା, ରମାକାନ୍ତ ମୁଦୁଲିଙ୍କୁ ପୁରୀ, ରଞ୍ଜିତ ମହାନ୍ତିଙ୍କୁ କେନ୍ଦ୍ରାପଡ଼ା, ମନୋଜ କୁମାର ସ୍ୱାଇଁଙ୍କୁ କଟକ, ଶିବଚନ୍ଦ୍ର ବେହେରାଙ୍କୁ କଟକ, ଲକ୍ଷ୍ମଣ ଦଣ୍ଡସେନାଙ୍କୁ ନୟାଗଡ଼, ସଂଘମିତ୍ରା ନାୟକଙ୍କୁ ଜଗତସିଂହପୁର, ସସ୍ମିତା ସାହୁଙ୍କୁ କେନ୍ଦ୍ରାପଡ଼ା, ପ୍ରିୟବ୍ରତ ରାଉତଙ୍କୁ ଜଗତ୍‌ସିଂହପୁର, ଏସ.ଦାଶରଥି ପାତ୍ରୋଙ୍କୁ ନୟାଗଡ଼, ମାନସ ରଞ୍ଜନ ଚକ୍ରଙ୍କୁ ପୁରୀ, ଚିନ୍ମୟୀ ବେହେରାଙ୍କୁ ପୁରୀ, ଜଗଦୀଶ କରଙ୍କୁ ନୟାଗଡ଼, ପବିତ୍ର ମହାରଣାଙ୍କୁ ଜଗତ୍‌ସିଂହପୁର, କାବୁଲି ବାରିକଙ୍କୁ କଟକ ଓ ରାକେଶ କୁମାର ତ୍ରିପାଠୀଙ୍କୁ ପୁରୀ ଜିଲାକୁ ବଦଳି କରାଯାଇଛି। ଅନ୍ୟ ଜିଲାରୁ ୧୫ଜଣଙ୍କୁ ଯାଜପୁର ଜିଲାଙ୍କୁ ପଠାଯାଇଛି।

## ମାଲ ବୋଝେଇ ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଜେନାପୁର,୭।୭(ଅଶୋକ ଦାସ):** ଧର୍ମଶାଳା ବ୍ଲକ୍ ଅଧୀନ ଜେନାପୁର ରେଳ ଷ୍ଟେଶନର ଖଜୁରୀବାଟି ରେଳ ଗେଟ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ମାଲ ବୋଝେଇ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଜେନାପୁର ଥାନା ଅଣ୍ଟିଆ ପଞ୍ଚାୟତ ଅଧୀନ ଖଲ ଗ୍ରାମର ପ୍ରଫୁଲ୍ଲ ନାୟକଙ୍କ ପୁଅ ଟେରୁ ନାୟକ(୩୪)। ତେବେ ସେ ରେଳ ଧାରଣାକୁ କାହିଁକି ଯାଇଥିଲେ ତାହା ଜଣାପଡ଼ିନାହିଁ।

## ବଦଳିଲେ କୁଆଖିଆ ଥାନା ଅଧିକାରୀ

**ରସୁଲପୁର,୭।୭(ରଞ୍ଜିତ ରାଉତ):** କୁଆଖିଆ ଥାନା ଅଧିକାରୀ ଶିବ ଚନ୍ଦ୍ର ବେହେରାଙ୍କ ଶୁକ୍ରବାର ବଦଳି ହୋଇଛି। ତାଙ୍କୁ ଯାଜପୁର ଜିଲାରୁ କଟକ ଜିଲାକୁ ବଦଳି କରାଯାଇଛି। ଓଡ଼ିଶା ପୋଲିସ ସେଣ୍ଟ୍ରାଲ ରେଞ୍ଜ କାର୍ଯ୍ୟାଳୟ କଟକ ଅର୍ଡର ନମ୍ବର-୧୩୮/ତା-୦୭-୦୭-୨୦୨୩ ପକ୍ଷରୁ ପ୍ରକାଶିତ ଇନ୍ସପେକ୍ଟରଙ୍କ ବଦଳି ତାଲିକାରେ ରାଜ୍ୟର ୭ଟି ପ୍ରମୁଖ ଜିଲାରୁ ୮୫ଜଣଙ୍କ ନାମ ସ୍ଥାନ ପାଇଛି। କୁଆଖିଆ ଥାନା ଅଧିକାରୀ ବେହେରାଙ୍କ ନାମ ତାଲିକାର କ୍ରମିକ ସଂଖ୍ୟା ୭୪ରେ ରହିଥିବା ଜଣାଯାଇଛି। ଥାନା ଅଧିକାରୀ ବେହେରାଙ୍କ କାର୍ଯ୍ୟକଳାପକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ରହି ଆସୁଥିଲା। ସେ ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି, ନିରୀହ ଜନସାଧାରଣଙ୍କ ସହ ସୁ-ସଂପର୍କରେ ରକ୍ଷା କରିବାରେ ବିଫଳ ହୋଇଆସୁଥିଲେ। ତାଙ୍କ କାର୍ଯ୍ୟ ଦକ୍ଷତାକୁ ନେଇ ବିଭିନ୍ନ ସମୟରେ ପୋଲିସ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଆସୁଥିଲା। ଉକ୍ତ ଅଭିଯୋଗଗୁଡ଼ିକୁ ଭିତ୍ତିକରି ତାଙ୍କୁ ବଦଳି କରାଯାଇ ଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛତା ବାଟବଣା

### କାନ୍ଥ କଣରେ ଅଳିଆ, କାନ୍ଥରେ ପାନଛେପ

ଯାଜପୁର ଟାଉନ,୭।୭(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱଚ୍ଛତା ବାଟବଣା ହୋଇଛି। ଯେଉଁଠି କି ଚାହିଁବେ ସେଠାରେ ଅଳିଆ ଗଦା ହୋଇଛି। ଫଳରେ ଏହାକୁ ଦେଖି ଲୋକେ ନାକ ଟେକୁଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୈନିକ ଜିଲାର ବିଭିନ୍ନ ପ୍ରାନ୍ତରରୁ ଶହଶହ ଲୋକ ବିଭିନ୍ନ କାର୍ଯ୍ୟରେ ଆସୁଛନ୍ତି। ଏହାବାଦ୍ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହ ରାଜ୍ୟ ସରକାରଙ୍କ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ମଧ୍ୟ ଏହି କାର୍ଯ୍ୟାଳୟକୁ ଆସୁଛନ୍ତି। କିନ୍ତୁ ଏଠାରେ ସ୍ୱଚ୍ଛତା ବ୍ୟବସ୍ଥା ଦେଖି ସେମାନେ କେତେ କ'ଣ ଭାବୁଛନ୍ତି। ଏହି ୪ ମହଲା ବିଶିଷ୍ଟ କାର୍ଯ୍ୟାଳୟର ପ୍ରତି କଣରେ ପୁଳାପୁଳା ଅଳିଆ ଗଦା ହୋଇଥିବାବେଳେ କାନ୍ଥରେ ଧାଡ଼ିଧାଡ଼ି ହୋଇ ପାନ ଛେପ ପୁରା କାର୍ଯ୍ୟାଳୟ ପରିବେଶକୁ କଦର୍ଯ୍ୟ କରିପକାଇଛି। ପୂର୍ବତନ ଜିଲାପାଳ ରଞ୍ଜନ ଦାସଙ୍କ ସମୟରେ କାନ୍ଥରେ ଛେପ ପକାଇଲେ ଜରିମାନା ଦେବା ସହ କୌଣସି କର୍ମଚାରୀ ଓ ଅଧିକାରୀ ପାନ ଖାଇ କାର୍ଯ୍ୟାଳୟ ଆସିବାକୁ ବାରଣ କରାଯାଇଥିଲା। କିନ୍ତୁ ଅଧିକାରୀ ବଦଳି ପରେ ନିୟମ ବି ବଦଳି ଗଲା। ତେଣୁ ଏପରି ଅପରିଷ୍କାର ପରିବେଶ ସୃଷ୍ଟି ହୋଇଛି। ତୁରନ୍ତ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାଳୟ ପରିସରକୁ ସଫାସୁତୁରା ରଖିବା ବ୍ୟବସ୍ଥା କରିବାକୁ ଦାବି ହୋଇଛି।



## ସ୍ତ୍ରୀ, ଶ୍ୱଶୁରଙ୍କୁ ମାଡ଼: ଅଭିଯୁକ୍ତ ଗିରଫ

ଧର୍ମଶାଳା,୭।୭(ବଟକୃଷ୍ଣ ପରିଡ଼ା)

ଜେନପୁର ଥାନା ଅନ୍ତର୍ଗତ ଜେନାପୁର ଗ୍ରାମରେ ସ୍ତ୍ରୀ ଓ ଶ୍ୱଶୁରଙ୍କୁ ମାଡ଼ମାରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଜେନାପୁର ଗ୍ରାମର ସୁବାସ ଚନ୍ଦ୍ର ପାତ୍ର (୪୭)। ପାରିବାରିକ କଳହ ଯୋଗୁ ଗୁରୁବାର ସେ ତାଙ୍କ ସ୍ତ୍ରୀ ଓ ଶ୍ୱଶୁରଙ୍କୁ ମାଡ଼ ମାରିଥିଲେ। ଫଳରେ ତାଙ୍କ ଶ୍ୱଶୁରଙ୍କ ହାତ ଭାଙ୍ଗି ଯାଇଥିଲା। ଏନେଇ ସୁବାସଙ୍କ ସ୍ତ୍ରୀ ଚୁମୁକି ପାତ୍ର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଆଭିଯୋଗକ୍ରମେ ପୋଲିସ ନଂ.୧୭୩/୨୩ରେ ଏକ ମାମାଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ବନ ମହୋତ୍ସବ ସପ୍ତାହ ଉଦ୍‌ଯାପିତ

**ଚଣ୍ଡିଖୋଲ,୭।୭(ପ୍ରଦୀପ୍ତ କୁମାର ପୃଷ୍ଟି):** ଉଦୀୟମାନ ଅନୁଷ୍ଠାନ ତରଫରୁ ଏକ ସପ୍ତାହ ବ୍ୟାପୀ ଚାଲିଥିବା ବନମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ତଳା ଜନତା ସରକାରୀ ବିଦ୍ୟାଳୟ ପରିସରରେ ଚାରାରୋପଣ କରି ମହୋତ୍ସବକୁ ଉଦ୍‌ଯାପିତ କରାଯାଇଛି। ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଜନୀକାନ୍ତ ପୃଷ୍ଟି, ବିଦ୍ୟାଳୟ ପ୍ରଧାନଶିକ୍ଷକ ନୃସିଂହଚରଣ ନାୟକ, ସହକାରୀ ଶିକ୍ଷକ ପ୍ରମୋଦ କୁମାର ଦାସ, ଖବରଦାତା ପ୍ରତାପ ରାଉତରାୟ, ଦିଗାମ୍ବର ମହାପାତ୍ର ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ସପ୍ତାହ ପାଳନ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଅନୀଲ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହିତ ଏହି ଚାରାରୋପଣ କାର୍ଯ୍ୟକ୍ରମ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରକାଶ କରିଥିଲେ।

# ବ୍ୟାସନଗର ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ

- ପାଳିଲା ପୁରାତନ ଛାତ୍ର ପରିଷଦ
- ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉତ୍ସବ ପାଳନ ନୋହିଲା

ଯାଜପୁରରୋଡ୍, ୭।୭ (ପବିତ୍ର ମହାନ୍ତି)

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ପୁରାତନ ଛାତ୍ର ପରିଷଦ (ଆଲୁମ୍ନି)ଙ୍କ ଦ୍ୱାରା ପାଳିତ ହୋଇଯାଇଛି। ପରିଷଦ ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜନ କରାଯାଇଥିଲା। ଏଥିରେ ବ୍ୟାସନଗର କଲେଜର ପୁରାତନ ଛାତ୍ରନେତା ତଥା ପରିଷଦର ସମ୍ପାଦକ ନିତ୍ୟାନନ୍ଦ ମହାଳିକ, ଆବାସିକ ସମ୍ପାଦକ ତଥା ପୂର୍ବତନ କଲେଜ ଅଧ୍ୟକ୍ଷ ଡ. କୁଶଚନ୍ଦ୍ର ପ୍ରଧାନ, ଉପସଭାପତି ପ୍ରଫୁଲ୍ଲ କୁମାର ନାୟକ, ଆଲୋକ ମହାନ୍ତି, ଅଶୋକ କୁମାର ନାୟକ, କୁଞ୍ଜବିହାରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ବ୍ୟାସଦେବ ଓ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିଗୁଡିକୁ ସଫା କରାଯାଇ ପୁଷ୍ପମାଲ୍ୟ ଧୂପଦୀପ ଅର୍ପଣ ସହିତ ବନ୍ଦନା ଗାନ କରିଥିଲେ। ଶେଷରେ ପରିଷଦର ସହସମ୍ପାଦକ ଜ୍ଞାନରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗଦେଇ ସହଯୋଗ କରିଥିଲେ।

ତେବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉତ୍ସବ ପାଳନ କରାଯାଇ ନ ଥିବାରୁ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ପରିଷଦ ପକ୍ଷରୁ ନାପସନ୍ଦ କରାଯାଇଥିଲା। ଏପରି କି ପ୍ରତିଷ୍ଠା ଦିବସରେ କର୍ତ୍ତୃପକ୍ଷ ମହାବିଦ୍ୟାଳୟ ପରିସରରେ ଥିବା ମହର୍ଷି ବ୍ୟାସଦେବ, ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଦାସ ଓ ମଧୁବାବୁଙ୍କ ପ୍ରତିମୂର୍ତ୍ତି ପୂଜନ କରିବା ତ ଦୂରର କଥା ସଫା ନ କରିବା ମହାପୁରୁଷଙ୍କ ପ୍ରତି ଅସମ୍ମାନ ବୋଲି କହି ବକ୍ତାମାନେ ଦୁଃଖ ପ୍ରକାଶ କରିଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି କାର୍ଯ୍ୟକ୍ରମ ହୋଇ ନ ଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରତିଷ୍ଠା ଦିବସକୁ ନିରାଡ଼ମ୍ବର ଭାବେ ଅଳ୍ପ କେତେଜଣ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ପାଳନ କରାଯାଇଛି।


ପ୍ରତିଷ୍ଠା ଦିବସରେ ପୁରାତନ ଛାତ୍ର ପରିଷଦ କର୍ମକର୍ତ୍ତାଙ୍କ ସହ ମହାବିଦ୍ୟାଳୟ ଛାତ୍ରମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଦିତ୍ୟ


@ ପଙ୍କଜ


@ ସ୍ପନ୍ଦନ


@ ଦୁର୍ଗାମାଧବ


@ ସୁମନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କାଳିଆପାଣି ହାଇସ୍କୁଲ ପକ୍ଷରୁ ବନ ମହୋତ୍ସବ

କାଳିଆପାଣି,୭।୭(ଅସିତ ମହାନ୍ତ)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଓଡ଼ିଶା ଖଣି ନିଗମ ପରିଚାଳିତ କାଳିଆପାଣି ହାଇସ୍କୁଲ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ଶୁକ୍ରବାର ସ୍କୁଲ୍ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗଦେଇ ବିଭିନ୍ନ ଔଷଧୀୟ ଓ ଫଳ ଚାରାରୋପଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷକ ଯୁଧିଷ୍ଠିର ସାହୁ, ସୂର୍ଯ୍ୟବଂଶୀ ତ୍ରିପାଠୀ, ଗଙ୍ଗାଧର ମିଞ୍ଜ, ଦେବଶ୍ରିତ ଲେଙ୍କା, ଚିନ୍ମୟୀ ଦାସ, ଅନୁରାଧା ମିଶ୍ର, ଶୁଭେନ୍ଦୁ ମହାନ୍ତ, ଈଶ୍ୱର ମହାନ୍ତ, ମଧୁସ୍ମିତା ପରିଡ଼ା ଓ ଜିତେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ହାଇସ୍କୁଲ୍ ପକ୍ଷରୁ ଚାରାରୋପଣ କରାଯାଉଛି।

## ମାର୍ଶାଘାଇରେ ଚକ୍ଷୁ ସଂକ୍ରମଣ ବ୍ୟାପୁଛି

**ମାର୍ଶାଘାଇ, (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):** ମାର୍ଶାଘାଇ ବ୍ଲକ ଅଞ୍ଚଳର ସବୁଆଡ଼େ ଚକ୍ଷୁ ସଂକ୍ରମଣ ବା ଆଖିଧରା ରୋଗ ବ୍ୟାପିବାରେ ଲାଗିଛି। ଛୋଟ ପିଲା ବିଶେଷକରି ସ୍କୁଲ କଲେଜରେ ପଢୁଥିବା ପିଲାମାନଙ୍କଠାରେ ଏହି ଲକ୍ଷଣ ଦେଖିବାକୁ ମିଳୁଛି। ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟର କର୍ମଚାରୀ ଓ ଛକ ବଜାରରେ ଦୋକାନ କରିଥିବା ଲୋକଙ୍କୁ ମଧ ଏହା ବ୍ୟାପିଛି। ଆଖିରୁ ପାଣି ଗଡ଼ିବା ସହ ଲାଲ ପଡ଼ିଯିବା ଓ ବିନ୍ଧା ମଧ ହେଉଥିବା ଆକ୍ରାନ୍ତମାନେ ପ୍ରକାଶ କରିଛନ୍ତି। ବିଶେଷକରି ଆଖି ଧରିଥିବା ପିଲାମାନେ ସ୍କୁଲକୁ ନ ଆସିବାକୁ ବାରଣ କରାଯାଇଛି। ଅସାବଧାନତା ଯୋଗୁ ଅନେକ ଚକ୍ଷୁ ସଂକ୍ରମିତ ହେବାର ଦେଖାଯାଇଛି। ଏହାକୁ ନେଇ ସାଧାରଣରେ ଭୟ ସଂଚାର ହୋଇଛି। ସ୍ୱତନ୍ତ୍ର ଭାବେ ବିଦ୍ୟାଳୟମାନଙ୍କରେ ଚକ୍ଷୁ ପରୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ଗ୍ରହଣ ପାଇଁ ଦାବି ହେଉଛି।

## ଗୋଟିଏ ରାତିରେ ଦୁର୍ବୃତ୍ତ ୩ ସ୍ଥାନରୁ ଲୁଟିଲେ

**ଡେରାବିଶ, ୭।୭ (ବେବର୍ତ୍ତା ଅଜୟ ଦାସ):** ଡେରାବିଶ ଥାନା ଅଧୀନ ଗୋଲରାହାଟ ପଞ୍ଚାୟତ ତିଳକପୁରସ୍ଥିତ ଗୋଟିଏ ପରିସରରେ ଥିବା କଲ୍ୟାଣ ମଣ୍ଡପ, ପାନୀୟ ଜଳ ପ୍ରକଳ୍ପ ଘର ଓ ଆଙ୍ଗନୱାଡି କେନ୍ଦ୍ରରୁ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟି ନେଇଥିବା ସରପଞ୍ଚ କାଶିନାଥ କାଣ୍ଡି ଶୁକ୍ରବାର ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ସରପଞ୍ଚ କାଣ୍ଡିଙ୍କ ଅଭିଯୋଗ ଅନୁଯାୟୀ, ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତମାନେ ପଞ୍ଚାୟତ ଅଧୀନରେ ଥିବା କଲ୍ୟାଣ ମଣ୍ଡପ ଘର କବାଟ ତାଲା ଭାଙ୍ଗି ଏହା ଭିତରେ ଲାଗିଥିବା ପାଣି ମୋଟର, ଇନଭର୍ଟର ମେଶିନ, କମ୍ପ୍ୟୁଟର କି ବୋର୍ଡ ଚୋରେଇ ନେଇଛନ୍ତି। ସେହିପରି ମଣ୍ଡପ ପରିସରରେ ରହିଥିବା ପାଣି ଟାଙ୍କି ଷ୍ଟୋର ଘର କବାଟ ତାଡି ଭିତରେ ଥିବା ବ୍ଲିଚିଂ ପାଉଡର ସପ୍ଲାଏ ମେଶିନ ଓ ଗ୍ରାଇଣ୍ଡିଂ ମେଶିନ ଚୋରେଇ ନେଇଛନ୍ତି। ଉକ୍ତ କଲ୍ୟାଣ ମଣ୍ଡପ ପରିସରରେ ରହିଥିବା ଅଙ୍ଗନୱାଡି କେନ୍ଦ୍ର କବାଟ ତାଲା ଭାଙ୍ଗି ଘର ଭିତରେ ଥିବା ପାଣି ମୋଟର ଓ ୨ ଟି ସିଲିଂ ଫ୍ୟାନ ଚୋରେଇ ନେଇଥିବା ନେଇ ସରପଞ୍ଚ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ପ୍ରତିଶ୍ରୁତି ପରେ ୪୦ ପରିବାର ଅନଶନରୁ ଉଠିଲେ

**ରାଜନଗର, ୭।୭ (ଭାସ୍କର ରାଉତରାୟ)**

ବଙ୍ଗୋପସାଗର ତଟବର୍ତ୍ତୀ ସାତଭାୟା ବାସୀଙ୍କୁ ବଗପାଟିଆଠାରେ ଥଇଥାନ କରାଯାଇଛି। ଥଇଥାନରୁ ବାଦ ପଡ଼ିଥିବା ୪୦ ପରିବାର ୨ଦିନ ଧରି ବଗପାଟିଆଠାରେ ଥଇଥାନ ପାଇଁ ଦାବିକରି ରାଜନଗର ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଶୁକ୍ରବାର ତୃତୀୟ ଦିନରେ ରାଜନଗର ବିଧାୟକ ଧ୍ରୁବ ସାହୁ ଆମରଣ ଅନଶନରେ ବସିଥିବା ୪୦ ପରିବାରଙ୍କୁ ଭେଟିବା ସହିତ ରାଜ୍ୟ ସରକାରଙ୍କ ବିସ୍ଥାପିତ ପରିବାରଙ୍କୁ ଥଇଥାନ ନୀତି ନିୟମ ଅନୁଯାୟୀ, ବଗପାଟିଆରେ ଥଇଥାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ୪୦ ପରିବାର ଅନଶନ ଭଙ୍ଗ କରିଥିଲେ। ବିଧାୟକ ସାହୁଙ୍କ ସହ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ବିଡିଓ ସମୀର କୁମାର ବେହେରା, କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ପ୍ରମୁଖ ଅନଶନ ସ୍ଥଳରେ ଉପସ୍ଥିତ ଥିଲେ।



ଆମରଣ ଅନଶନରେ ବସିଥିବା ୪୦ ପରିବାରଙ୍କୁ ବିଧାୟକ ଧ୍ରୁବ ସାହୁ ବୁଝାଶୁଝା କରିବା ପରେ ସେମାନେ ଉଠୁଛନ୍ତି।

ସୂଚନାଯୋଗ୍ୟ, ଥଇଥାନରୁ ବାଦ୍ ପଡ଼ିଥିବା ୨୩୫ ପରିବାର ବଗପାଟିଆରେ ଥଇଥାନ ଦାବିରେ ୨ ଗୋଷ୍ଠୀଙ୍କ ପକ୍ଷରୁ ରାଜନଗର ତହସିଲ ସମ୍ମୁଖରେ ଅନଶନରେ ବସିଥିଲେ। ଗୋଟିଏ ପକ୍ଷ ଅନଶନରେ ବସିଥିବା ବେଳେ ଆନ୍ୟ ଗୋଷ୍ଠୀ ଆମରଣ ଅନଶନରେ ବସିଥିଲେ। ଆସନ୍ତା ୧୧ ଓ ୧୨ତାରିଖରେ ବଗପାଟିଆରେ ଥଇଥାନ ପାଇଁ ଆବେଦନ ପତ୍ର ଆସିଥିବା ୨୩୫ଟି ଆବେଦନର ଯୁଗ୍ମ ତଦନ୍ତ କରାଯିବ। ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦିଆଯିବ। ଜିଲାପାଳଙ୍କ ସୁପାରିସ ପରେ ଏକାକାଳୀନ ଥଇଥାନ କରାଯିବ ବୋଲି ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଗୋଟିଏ ପକ୍ଷ ଅନଶନରୁ ଉଠି ଯାଇଥିଲେ। ମାତ୍ର ଡ. ଧରଣୀଧର ରାଉତ ଓ ସାତଭାୟା ପଞ୍ଚାୟତର ଦଳିତ ସଂରକ୍ଷିତ ବର୍ଗ ସମାଜର ସଭାନେତ୍ରୀ ସସ୍ମିତା ମଲ୍ଲିକଙ୍କ ନେତୃତ୍ୱରେ ୪୦ ଦଳିତ ପରିବାର ତହସିଲ ସମ୍ମୁଖରେ ୨ଦିନ ହେଲା ଆମରଣ ଅନଶନରେ ବସି ରହିଥିଲେ।

## ଭାଗବତ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**କେନ୍ଦ୍ରାପଡ଼ା, ୭।୭ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହର ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ମହାନ୍ତିଙ୍କ ଜୟନ୍ତୀ ଉତ୍ସବରେ ତାଙ୍କର ବ୍ରୋଞ୍ଜ ପ୍ରତିମୂର୍ତ୍ତି ଶୁକ୍ରବାର ଉନ୍ମୋଚିତ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ନ୍ୟାୟାଧୀଶ ଡ. ମଦନମୋହନ ଦାସ ମୂର୍ତ୍ତିକୁ ଉନ୍ମୋଚିତ କରିଛନ୍ତି। ପୂର୍ବାହ୍ନରେ ସ୍ୱର୍ଗତ ଭାଗବତ ମହାନ୍ତି ଟ୍ରଷ୍ଟ ବୋର୍ଡ ପକ୍ଷରୁ ଗୁରୁପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ପୂର୍ବତନ ନ୍ୟାୟାଧୀଶ ଡ. ଦାସ, ସମ୍ମାନିତ ଅତିଥି କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଅଲେଖ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରି ଅତିଥିମାନେ ରାଜ୍ୟ ଓ କେନ୍ଦ୍ରାପଡ଼ା ଜିଲା ପାଇଁ ଅବଦାନ ଯଥେଷ୍ଟ ଥିଲା ବୋଲି କହିଥିଲେ। ଏହି ଅବସରରେ ବରିଷ୍ଠ ନେତା ରବି ସାମଲ, ଅଜୟ କୁମାର ରାଉତ, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସାମାଜିକ କର୍ମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟ ସଦସ୍ୟ ସୁଶିଲ କୁମାର ସାମଲ, ଫକୀର ଚରଣ ଖଟୁଆ, ଶରତ ଚନ୍ଦ୍ର ବେହୁରା, ବିଧୁଭୂଷଣ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।



ଉତ୍ସବରେ ଯୋଗଦେଇଥିବା ଲୋକମାନେ।

## ପଟ୍ଟାମୁଣ୍ଡାଇରେ ଭାଜପା ସଂଯୁକ୍ତ ମୋର୍ଚ୍ଚା ସମାବେଶ



ସମାବେଶରେ ନେତା ଓ କର୍ମକର୍ତ୍ତାମାନେ।

**କେନ୍ଦ୍ରାପଡ଼ା, ୭।୭ (ଜଗନ୍ନାଥ ଧଳ)**

ରାଜନଗର ନିର୍ବାଚନମଣ୍ଡଳୀର ପଟ୍ଟାମୁଣ୍ଡାଇ ନଗର ଅନ୍ତର୍ଗତ ନନ୍ଦିନୀନଗର ଯଜ୍ଞ ପଡ଼ିଆରେ ଭାଜପା ସଂଯୁକ୍ତ ମୋର୍ଚ୍ଚା ସମାବେଶ ଅନୁଷ୍ଠିତ ହୋଇଯାଇଛି। ନଗର ଭାଜପା ସଭାପତି ବିଶ୍ୱରଞ୍ଜନ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ରାଜନଗର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷ ଶାସନ, ଗରିବ କଲ୍ୟାଣ ଯୋଜନା ଓ ଓଡ଼ିଶା ବିକାଶରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ଜିଲା ଭଜାପା ପ୍ରଭାରୀ ପ୍ରାଧ୍ୟାପକ ଭୁବନ ମୋହନ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ସବକା ସାଥ, ସବକା ବିକାଶ ଓ ସବ କା ବିଶ୍ୱାସ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଓଡ଼ିଶା ବିକାଶ ପାଇଁ ରେଳଠାରୁ କୃଷି ଏବଂ ଆବାସଠାରୁ ଉଜ୍ଜଳା ଯୋଜନା ପର୍ଯ୍ୟନ୍ତ ବିଭିନ୍ନ ଯୋଜନାରେ କେନ୍ଦ୍ରୀୟ ଅନୁଦାନର ହିସାବ ଦେଇ ଭାଜପାକୁ ମଜଭୁତ କରିବାକୁ ପୂର୍ବତନ ବିଧାୟକ ଜେନା କହିଥିଲେ। ଏହି ସମାବେଶରେ ଦଳିତ ମୋର୍ଚ୍ଚା ଜିଲା ସଭାପତି ଅନ୍ତର୍ଯ୍ୟାମୀ ମଲିକ, ରାଜ୍ୟ ମଣ୍ଡି ସଂଯୋଜକ ପବିତ୍ର ପରିଡା, ଜିଲା ଭାଜପା ଉପସଭାପତି ଗଗନ ସାହୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ନଗେନ୍ଦ୍ର ବେହେରା, ନଗର ମହିଳା ଭାଜପା ସଭାନେତ୍ରୀ ରଶ୍ମିତା ସାହୁ, ୪ନଂ. କାଉନସିଲର ବନିତା ମଲିକ, ପୂର୍ବତନ ନଗର ସଭାପତି ପଦ୍ମନାଭ ପଣ୍ଡା, କଣ୍ଟାବଣ ମଣ୍ଡଳ ସଭାପତି ବନମାଳି ମହାପାତ୍ର, ଶ୍ରୀରାମପୁର ମଣ୍ଡଳ ସଭାପତି ନୃସିଂହ ସାହୁ, ଛୁଆଳିଆ ମଣ୍ଡଳ ସଭାପତି ଶଙ୍କର ସେଠୀ, ସାନଜରିଆ ସମିତିସଭ୍ୟ ସୁବାସ ବାରିକ, ବାଲିସାହିପାଟଣା ସରପଞ୍ଚ କୈଳାସ ପରିଡା, ଦିଲୀପ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସେମାନେ କେନ୍ଦ୍ର ଭାଜପା ସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ଶେଷରେ ଯୁବନେତା ଜ୍ୟୋତିପ୍ରକାଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଶରତ କୁମାର ଦେବ ହାଇସ୍କୁଲରେ ବନମହୋତ୍ସବ



**ଆଳି,୭।୭ (ବନମାଳୀ ସେନାପତି)**

ବନ ମହୋତ୍ସବ ସପ୍ତାହ ଅବସରରେ ଆଳି ବନଖଣ୍ଡ କାର୍ଯ୍ୟାଳୟ ଓ ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଳି ବନଖଣ୍ଡର ବନରକ୍ଷୀ ନିରୁପମା ଷଡଙ୍ଗୀ ଯୋଗଦେଇ ବିଦ୍ୟାଳୟରେ ଚାରାରୋପଣ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ପରିବେଶ ସନ୍ତୁଳନ ରକ୍ଷା କ୍ଷେତ୍ରରେ ବୃକ୍ଷର ଆବଶ୍ୟକତା କେତେ ଜରୁରୀ ସେ ସମ୍ପର୍କରେ ସଚେତନ କରାଇଥିଲେ। ବିଦ୍ୟାଳୟ ପରିସରରେ ଇକୋ କ୍ଲବର ଛାତ୍ରୀଛାତ୍ରମାନେ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିବପ୍ରସାଦ ସାହୁ, ରବୀନ୍ଦ୍ର ବାରିକ, ଅଜୟ ପରିଡା, ରିତେଶ ବେହେରା, ଦଶରଥ ମଲିକ, ରିତାଞ୍ଜଳି ପଣ୍ଡା, ରୋଜାଲିନ ସାମନ୍ତରାୟ, ସିମି ନନ୍ଦ, ସସ୍ମିତା ସାହୁ, ସୁକେଶିନୀ ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଇକୋ କ୍ଲବ ଇନଚାର୍ଜ ଶିକ୍ଷକ ପ୍ରକାଶ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜୟରାଷ୍ଟ୍ର ପକ୍ଷରୁ ୟୁସିସି ସପକ୍ଷରେ ଆଲୋଚନା

**କେନ୍ଦ୍ରାପଡ଼ା, ୭।୭ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥ ଯାତ୍ରୀ ନିବାସରେ ସମାନ ନାଗରିକ ସଂହିତା (ୟୁସିସି) ସପକ୍ଷରେ ଆଲୋଚନା କାର୍ଯ୍ୟକ୍ରମ ଜୟରାଷ୍ଟ୍ର ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଇଂ. ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ସାମାନ ନାଗରିକ ସଂହିତା ଆଧୁନିକ ଭାରତର ଆବଶ୍ୟକତା ଶୀର୍ଷକରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଶିକ୍ଷାବିତ୍ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ, କବି ନବଜ୍ୟୋତି ରାୟ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ସେମାନେ କହିଥିଲେ, ଭାରତ ଇଂରେଜ କବଳରୁ ମୁକ୍ତ ହେବାକୁ ଇତିମଧ୍ୟରେ ୭୫ ବର୍ଷ ବିତିଗଲାଣି। ଦେଶ ଚଳାଇବା ପାଇଁ ଯେଉଁ ସମ୍ବିଧାନ ପ୍ରସ୍ତୁତ ହୋଇଥିଲା, ସେଥିରେ ସମସ୍ତଙ୍କୁ ଆଇନ ଆଗରେ ସମାନ ବୋଲି ଉଲ୍ଲେଖ ଅଛି। ତେବେ କେତେକ ଆଇନକୁ ତତ୍କାଳୀନ ସମୟରେ ଲାଗୁ କରାଯାଇ ନ ଥିଲେ ମଧ୍ୟ ଏହାର ପ୍ରାବଧାନ ବ୍ୟବସ୍ଥା ସହ ଗୁରୁତ୍ୱ ଦେଇଥିଲେ। ଦ୍ରୁତ ଜନସଂଖ୍ୟା ବୃଦ୍ଧି ଦେଶର ଆଇନ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ଉପଲବ୍ଧି କରି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ୟୁସିସି ଲାଗୁ ପାଇଁ ଚେତାବନୀ ଦେଇଛନ୍ତି। ଏହାଦ୍ୱାରା ଦେଶର ସମସ୍ତ ନାଗରିକଙ୍କ ନ୍ୟାୟିକ ସମାନତା ସହ ଅଧିକାର ସୁରକ୍ଷିତ ହୋଇପାରିବ ବୋଲି ଆଲୋଚକମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀ ଅଂଶୁପା ପାଣିଙ୍କ ସମେତ ବହୁବକ୍ତା ଏଥିରେ ଭାଗ ନେଇ ୟୁସିସି ସପକ୍ଷରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ପଙ୍କଜ ସିହ୍ନା, ମାତୃଦତ୍ତ ମହାନ୍ତି, ବୀରେନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।



ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥିମାନେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଦିତ୍ୟ



@ ପଙ୍କଜ



@ ସ୍ପନ୍ଦନ



@ ଦୁର୍ଗାମାଧବ



@ ସୁମନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ

**ରାଜନଗର,୭।୭ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ଜରିମୂଳସ୍ଥିତ ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ତାଲୁକ ଲିଗାଲ ସେବା କମିଟି ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରାଯାଇଥିଲା। ସିଭିଲ ଜଜ୍ ସୁଶ୍ରୀ ସଙ୍ଗୀତା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆଇନଜୀବୀ ସୁରେଶ କୁମାର ନରେନ୍ଦ୍ରଙ୍କ ସଂଯୋଜନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ସିଭିଲ ଜଜ୍ ସମୀକ୍ଷା ମହାନ୍ତି, ପଟ୍ଟାମୁଣ୍ଡାଇ ଜେଏମ୍‌ଏଫ୍‌ସି ମୋନାଲିସା ପ୍ରଧାନ, ରାଜନଗର ଜେଏମ୍‌ଏଫ୍‌ସି ଜ୍ୟୋତିର୍ମୟୀ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ବିଶ୍ୱତାପନ ଓ ଜଳବାୟୁର ପ୍ରଭାବରେ ପରିବେଶର ଭୟାବହତା ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର ୧୦ଟି ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ।



ବିଦ୍ୟାଳୟ ପରିସରରେ ଜଜ୍ ଓ ଅନ୍ୟମାନେ ଚାରାରୋପଣ କରୁଛନ୍ତି।

ଚଳିତବର୍ଷ ଯୁକ୍ତ ୨ ପରୀକ୍ଷାରେ ବ୍ଲକ ଟପ୍ପର ହୋଇଥିବା ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୁଧାଂଶୁବାଳା ରାଉତ, ବର୍ଷାରାଣୀ ଦାସ, ଉଷାରାଣୀ ସାହୁଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବାର ଆସୋସିଏଶନର ରବୀନ୍ଦ୍ର ନାଥ ଦାସ, ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା ଯୋଗ ଦେଇଥିଲେ। ଉତ୍ସବକୁ ବନପାଳ ବିଜୟ ପାତ୍ର, ପ୍ରସନ୍ନ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଖରିଫ ଫସଲ ପାଇଁ ବିହନ, ସାର ଯୋଗାଣକୁ ଗୁରୁତ୍ୱ

**ଡେରାବିଶ, ୭।୭ (ବେବର୍ତ୍ତା ଅଜୟ ଦାସ)**

### ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା କମିଟି ବୈଠକ

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତିର ପରିଚାଳନା କମିଟିର ବୈଠକ ଶୁକ୍ରବାର ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସମିତି ପରିଚାଳନା କମିଟିର ସଭାପତି ଖୁର୍ସିଦ୍ ଆଲମ୍ ଖାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମିତି ସମ୍ପାଦକ ଗୋଲକ ଚନ୍ଦ୍ର ସେନାପତି ପୂର୍ବ ସଭାର ବିବରଣୀ ପଠନ ଓ ଦୃଢିକରଣ କରିବା ପରେ କାର୍ଯ୍ୟସୂଚୀ ଅନୁଯାୟୀ ସମିତି ପରିସରରେ ନୂତନ ଭାବେ ନିର୍ମାଣ ହୋଇଥିବା ଗୃହର ଉଦ୍‌ଘାଟନ, ଆଗାମୀ ଖରିଫ ଫସଲ ମଣ୍ଡି ପାଇଁ ହେବାକୁ ଥିବା ଚାଷୀ ପଞ୍ଜୀକରଣ କାର୍ଯ୍ୟ ଓ ସମିତିର ଅନ୍ୟ ସମସ୍ୟା ଏବଂ ଉନ୍ନତୀକରଣ କାର୍ଯ୍ୟ ସମ୍ବନ୍ଧରେ ସଦସ୍ୟମାନେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ସମିତି ପକ୍ଷରୁ ଆଗାମୀ ଖରିଫ ଚାଷ ନିମନ୍ତେ ସମସ୍ତ ଚାଷୀଙ୍କୁ ସହଜ ଓ ସୁବିଧାରେ ସବସିଡ୍ ଯୁକ୍ତ ବିହନ ଓ ସାର ଯୋଗାଇ ଦେବା ପାଇଁ ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଉପସଭାନେତ୍ରୀ ପ୍ରମିଳା ସିଂହଙ୍କ ସମେତ ନିର୍ଦ୍ଦେଶକ ଜୟଦେବ ପରିଡା, ନଟବର ବେହେରା, ନିଳମଣି ବେହେରା, ହରିହର ସ୍ୱାଇଁ, ପ୍ରଭାତ ଭୁୟାଁ, ଧରଣୀଧର ପ୍ରଧାନ, ସଞ୍ଜୟ କୁମାର ସାହୁ, ଭବାନୀ ଭୋଇ, ଗେହ୍ଲେଇ ଦାସ, ଅରକ୍ଷିତ ସାହୁ, ରଞ୍ଜିତ ସିଂହ ଓ ସୌମ୍ୟରଞ୍ଜନ ଚାନ୍ଦ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକ ପରିଚାଳନାରେ ସମିତି ସହ-ସମ୍ପାଦକ ଶିବାନୀଶଙ୍କର ସାହୁ, କ୍ୟାସିୟର ନରହରି ସ୍ୱାଇଁ, ଲେଜର କ୍ଲର୍କ କୁନିଲତା ସାହୁ ଓ କର୍ମଚାରୀ ପ୍ରଦୀପ କୁମାର ପୃଷ୍ଟି ସହଯୋଗ କରିଥିଲେ।



ବୈଠକରେ ଉପସ୍ଥିତ ସମିତିର ସଦସ୍ୟମାନେ।

# ରାଶନ କାର୍ଡରୁ ରୋଜଗାର କରୁଛନ୍ତି ସରପଞ୍ଚ



ବୈଠକରେ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସତ୍ୟ ନାରାୟଣ ପ୍ରଧାନ, ରମେଶ ବେହେରା ଓ ଅନ୍ୟମାନେ।

- କଟୁନି ମୃତକଙ୍କ ନାଁ, ହଟୁନାହାନ୍ତି ଅଯୋଗ୍ୟ ହିତାଧିକାରୀ
- ନବଜାତ ଶିଶୁଙ୍କ ଡାଟା ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକେନ୍ଦ୍ରର ମିଶୁନି
- ବୈଠକକୁ ପ୍ରସ୍ତୁତ ହୋଇ ଆସୁ ନ ଥିବାରୁ ୩ରୁ ଊର୍ଦ୍ଧ୍ୱ ଅଧିକାରୀ ହଟହଟା
- ଜିଲା ଉନ୍ନୟନ କୋର୍ଡିନେଶନ ଆଣ୍ଡ ମନିଟରିଂ କମିଟି ବୈଠକ

ନୟାଗଡ଼ ଅଫିସ,୭।୭

ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ଉନ୍ନୟନ କୋର୍ଡିନେଶନ ଆଣ୍ଡ ମନିଟରିଂ କମିଟି(ଦିଶା)ର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ପ୍ରମୁଖ ସମୀକ୍ଷା କରିଥିଲେ। ଜିଲା ପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷମାନେ ମଧ୍ୟ ସମୀକ୍ଷାରେ ଭାଗ ନେଇଥିଲେ। ରାଶନ କାର୍ଡ ରୋଜଗାର ଦେଉଥିବା କେତେଜଣ ସରପଞ୍ଚ ପ୍ରକାଶ କରିଥିବା ତଥ୍ୟ ଜିଲା ପରିଷଦ ସଭ୍ୟ ଗୃହରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ମୃତକଙ୍କ ନାଁ ରାଶନ କାର୍ଡରୁ କଟିଗଲେ ଅଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଲେ ସେମାନେ ଚଳିବେ କିପରି ବୋଲି ପ୍ରଶ୍ନ କରିଥିବା ବେସରକାରୀ ଭାବେ କହିଥିଲେ।

ଅନ୍ୟପକ୍ଷେ ନବଜାତ ଶିଶୁଙ୍କ ଡାଟା ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକେନ୍ଦ୍ରର ମିଶୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାରେ କେତେ ଶିଶୁ ଜନ୍ମ ହେଉଛନ୍ତି, ଏକ ହଜାର ପୁଅରେ ଝିଅ ସଂଖ୍ୟା କେତେ ଡାଟା ବେସ ରିପୋର୍ଟ ପ୍ରସ୍ତୁତ ହୋଇପାରୁନାହିଁ। ସେହିପରି ବୈଠକକୁ ପ୍ରସ୍ତୁତ ହୋଇ ଆସୁ ନ ଥିବାରୁ ଅନେକ ଅଧିକାରୀ ହଟହଟା ହୋଇଥିବା ଦେଖିବାକୁ ମିଳିଥିଲା। ପୁଣି ୫-ଟି ସ୍କୁଲରେ ସରକାରୀ ଅନୁଦାନ ଖର୍ଚ୍ଚର ରହୁନି ସୂଚନାଫଳକ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନୁଦାନ ମଧ୍ୟ ଖର୍ଚ୍ଚ ହେଉଥିବାରୁ ୫-ଟି ସ୍କୁଲରେ ସ୍ୱଚ୍ଛତା ରହୁନି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନିର୍ଦ୍ଦିଷ୍ଟ କେତେଜଣ ଭେଣ୍ଡରଙ୍କୁ ଅନୁକମ୍ପା ଦେଖା ଯାଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ମୋବାଇଲ ଟାୱାର ନିର୍ମାଣରେ ବିଏସ୍‌ଏନ୍‌ଏଲ ବିଳମ୍ବ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ରାଶନ କାର୍ଡରେ ଅଯୋଗ୍ୟ ହିତାଧିକାରୀଙ୍କୁ କଟାଯାଉନି କାହିଁକି, ଯୋଗ୍ୟ ହିତାଧିକାରୀଙ୍କୁ ନୂଆକାର୍ଡ ଦିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ପୁଣି ଅନ୍ତୋଦୟ ଅନ୍ନ ଯୋଜନାରେ ବହୁ ଗରିବ ସାମିଲ ହୋଇ ପାରୁନାହାନ୍ତି। କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ତାଙ୍କ ବଦଳରେ ଅନ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇ ପାରୁନାହିଁ। ପରିବାର କେତେଜଣ ଲୋକ ରାଶନ କାର୍ଡରୁ ବାଦ୍ ପଡ଼ିଥିଲେ ମଧ୍ୟ ସେମାନଙ୍କୁ ମଧ୍ୟ ସାମିଲ କରାଯାଉନାହିଁ। ଜିଲା ଯୋଗାଣ ଅଧିକାରୀ ନୂଆ ରାଶନ କାର୍ଡ ବନ୍ଦ ଥିବା କହିଥିଲେ। ଅନ୍ତୋଦୟ ଅନ୍ନ ଯୋଜନାରେ ଦେଇଥିବା ଉତ୍ତରରେ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟ ଉପରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଚାନ୍ଦପୁରରେ ହିତାଧିକାରୀ ପାଇଖାନା କରି ବର୍ଷେ ହେଲା ଅନୁଦାନ ପାଉନାହାନ୍ତି ବୋଲି ରଣପୁର ବ୍ଲକ ଅଧ୍ୟକ୍ଷ ଅଭିଯୋଗ କରିଥିଲେ। ସେହିଭଳି ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ଯୋଜନା, ମଡେଲ ପ୍ଲେ ଗ୍ରାଉଣ୍ଡ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉପରେ ଅଲୋଚନା ହୋଇଥିଲା।

## ଗୁମର ଖୋଲିଲା ଛାତ୍ରୀନିବାସ

ଓଡ଼ଗାଁ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁସୂଚିତ ଜାତି ଓ ଜନଜାତି ଏବଂ ସାଧାରଣ ବର୍ଗର ଛାତ୍ରୀଙ୍କ ପାଇଁ ୨ଟି ଛାତ୍ରୀନିବାସ ଚାଲୁଛି। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀ ନିବାସରେ ୧୦୦ ଜଣ ଏବଂ ସାଧାରଣ ବର୍ଗରେ ୬୦ ଜଣ ଅନ୍ତେବାସୀଙ୍କ ପାଇଁ ରହିବାର ସୁବିଧା ଅଛି। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀ ନିବାସ ସରକାରୀ ଭାବେ ସାଧାରଣବର୍ଗର ଛାତ୍ରୀ ନିବାସ ବେସରକାରୀ ଭାବେ ଚାଲିଛି। ଓଡ଼ଗାଁ ପରି ଜିଲାର ଅନ୍ୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସାଧାରଣବର୍ଗର ଗରିବ ଛାତ୍ରୀଙ୍କ ପାଇଁ ଛାତ୍ରୀ ନିବାସ ଖୋଲିବାକୁ ପ୍ରସ୍ତାବ ରଖିବାକୁ ରଣପୁର ବିଧାୟକ କହିଥିଲେ। ସେହିପରି ଓଡ଼ଗାଁରେ ସାଧାରଣ ବର୍ଗର ଛାତ୍ରୀଙ୍କୁ ମାଗଣାରେ ଖାଦ୍ୟ ଯୋଗାଇବାକୁ ସରକାରଙ୍କୁ ପ୍ରାସ୍ତବ ଦେବାକୁ ପରାମର୍ଶ ଦେଇଥିଲେ। ଏ ନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ବିଧାୟକ ସାଧାରଣ ବର୍ଗର ଛାତ୍ରୀନିବାସ ସମ୍ପର୍କରେ ପଚାରିବାରୁ ସେ ଚୁପ ରହିଥିଲେ। ଖଣ୍ଡପଡ଼ା ବିଧାୟକ ଓ କମିଟି ଅଧ୍ୟକ୍ଷ କହିଥିଲେ, ଜିଲା ଶିକ୍ଷା ଅଧିକାରୀ ଜାଣି ନ ଥିବାବେଳେ ବିଧାୟକ ଅଧିକ ତଥ୍ୟ ରଖୁଛନ୍ତି। ପରେ ଜଣାପଡିଛି ବାଳିକା ହାଇସ୍କୁଲ ସ୍ଥାପନ ହେବାଠାରୁ ବେସରକାରୀ ସାଧରଣବର୍ଗର ଛାତ୍ରୀ ନିବାସ ଚାଲୁ ଅଛି। ଜିଲା ଶିକ୍ଷା ଅଧିକାରୀ ଜାଣିଥିଲେ ମଧ୍ୟ ରେକର୍ଡ ନ ଥିବାରୁ ଚୁପ ରହିଥିଲେ।

## କଟିବେ ଅଯୋଗ୍ୟ ହିତାଧିକାରୀ

ରାଶନ କାର୍ଡରେ ଓ ଅନ୍ତୋଦୟ ଅନ୍ନ ଯୋଜନାରେ କାର୍ଡ ହାତେଇଥିବା ଅଯୋଗ୍ୟ ହିତାଧିକାରୀ ଖୁବ୍‌ଶୀଘ୍ର କଟିବାର ବ୍ୟବସ୍ଥା ହେବ। ଏ ନେଇ ବିଡିଓମାନଙ୍କର କ୍ଷମତା ଥିଲେ ବି ସେମାନେ ନୀରବତା ଅବଲମ୍ବନ କରୁଛନ୍ତି। ଦିଶା ବୈଠକରେ ଏ ନେଇ ଖୋଳତାଡ ପରେ ଜିଲା ଯୋଗାଣ ଅଧିକାରୀ ଏ ନେଇ ଚିଠି ବିଡିଓମାନଙ୍କୁ କରିବେ ବୋଲି କହିଥିବା ଶୁଣିବାକୁ ମିଳିଛି। ଏଣୁ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବାକୁ ଜିଲା ଯୋଗାଣ ବିଭାଗ ତତ୍ପରତା ଦେଖାଇବାକୁ ଯାଉଛି।

# ପରିବେଶ ପାଇଁ ପିଲାଙ୍କୁ ଚାରା ରୋପଣ କରିବାକୁ ଆହ୍ୱାନ

ଗଣିଆ,୭।୭(ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ସପ୍ତାହେ ଧରି ଚାଲୁ ରହିଥିବା ବନ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ବନ ବିଭାଗ ପକ୍ଷରୁ ଛାମୁଣ୍ଡିଆ ଗୁପ୍ତେଶ୍ୱର ବିଦ୍ୟାପୀଠ ପରିସରରେ ଜାମୁ, ଅଁଳା, ବେଲ, ବାଉଁଶ, କଇଥ ପରି ବିଭିନ୍ନ ପ୍ରକାର ଶତାଧିକ ଚାରାରୋପଣ କରାଯାଇଥିଲା। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲଗୁନୀ ସାରଥୀ ମଲ୍ଲିକ, ସମ୍ମାନୀତ ଅତିଥି ଭାବେ ଏସିଏଫ୍ ଡ. ସୁଜିପ୍ତା ମହାପାତ୍ର, ବନାଞ୍ଚଳ ଅଧିକାରୀ ମୌସୁମୀ ବେହେରା, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରୁଦ୍ରମାଧବ ନାୟକ, ଛାମୁଣ୍ଡିଆ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଚିତ୍ତରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପରେ ଆୟୋଜିତ ସଭାରେ ଛାତ୍ରୀଛାତ୍ରମାନଙ୍କୁ ଚାରାରୋପଣ କରି ପରିବେଶ ବଞ୍ଚାଇବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ତେବେ ଦିନକୁ ଦିନ ଜଙ୍ଗଲ ଅବକ୍ଷୟ ରୋକିବା ପାଇଁ ଅଧିକ ଗଛ ଲଗାଇବା ଆବଶ୍ୟକ। ଏଥିପାଇଁ ଛାତ୍ରୀଛାତ୍ରମାନେ ପାଠ ପଢ଼ିବା ସାଙ୍ଗକୁ ବୃକ୍ଷରୋପଣ କଲେ ପରିବେଶ ପାଇଁ ବେଶ୍ ସହାୟକ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବ୍ୟକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭା କାର୍ଯ୍ୟକୁ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସଞ୍ଜୟ କୁମାର ପରିଡା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ରଙ୍କ ସମେତ ଫରେଷ୍ଟର ସଞ୍ଜୟ କୁମାର ରାଉତ, ଲୋକନାଥ ସେଠୀ, ଶ୍ରୀନିବାସ କହଁର, ଦେବାଶିଷ ବେହେରା, ପ୍ରତାପ ସେଠୀ, ରୋଜାଲିନ ସ୍ୱାଇଁଙ୍କ ସମେତ ବନ କର୍ମଚାରୀମାନେ ଯୋଗ ଦେଇଥିଲେ।


ବନ ମହୋତ୍ସବ ଅବସରରେ ଅତିଥିମାନେ ଚାରାରୋପଣ କରୁଛନ୍ତି।

# ବର୍ଷାଦିନେ ପାଇପ୍ ବିଛାକୁ ଗ୍ରାମବାସୀଙ୍କ ବିରୋଧ


ଚାଷ କାମ ସମୟରେ ମାଟି ଖୋଳି ପାଣି ପାଇପ ବିଛାଯିବାକୁ ଗ୍ରାମାବାସୀ ବିରୋଧ କରୁଛନ୍ତି।

ଭାପୁର, ୭।୭(ଭରତ କୁମାର ବେହେରା)

ପାନୀୟ ଜଳକୁ ସହଜ କରିବାକୁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ସେଥିପାଇଁ ମଧ୍ୟ ଅର୍ଥ ବ୍ୟୟବରାଦ କରୁଛନ୍ତି। ଏ ନେଇ ସରକାର ମେଗା ପାନୀୟ ଜଳର ପ୍ରକଳ୍ପର ପରିକଳ୍ପନା କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ୨୦୧୯ରେ ପ୍ରକ୍ରିୟା ଆରମ୍ଭ କରିଥିଲେ। ବୃହତ୍ ଜଳଯୋଗାଣ ମାଧ୍ୟମରେ ନୟାଗଡ଼ ଜିଲାର ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଇ ଦେବାକୁ ଯୋଜନା ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ ହେଉନାହିଁ। ପ୍ରକଳ୍ପକୁ ନେଇ ବର୍ତ୍ତମାନ ଅସନ୍ତୋଷ ତେଜିବାରେ ଲାଗିଛି। ଖରାଦିନ ଗଲା ପରେ ଏବେ ଚାଷୀ ଚାଷ ପାଇଁ ଅଣ୍ଟା ଭିଡି ସଜବାଜ ହେଉଥିବାବେଳେ ମେଗା ପ୍ରକଳ୍ପର ପାଇପ ପକାଇବା ଲାଗି କର୍ତ୍ତୃପକ୍ଷ ଚାଷ ଜମି, ଗାଁ, ଦାଣ୍ଡ ରାସ୍ତା ଜେସିବିରେ ଖୋଳି ନଷ୍ଟ କରୁଛନ୍ତି। ସ୍ଥାନୀୟ ଲୋକଙ୍କ ବିରୋଧ ପରେ ପୋଲିସକୁ ପ୍ରଭାବିତ କରିବା ସହ ଲୋକଙ୍କୁ ଧମକ ଦିଆଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଭାପୁର ବ୍ଲକ ଅନ୍ତର୍ଗତ ବିଜିପୁର ପଞ୍ଚାୟତ ସୁନାଖଳା ଗାଁର ଶ୍ମଶାନ ଘାଟଠାରୁ ଖେଳପଡ଼ିଆ ଓ ଧାନଚାଷ ଜମିରେ ଜେସିବିରେ ଖୋଳି ବିଲ ବାଡ଼ି ହୁଡ଼ା ନଷ୍ଟ କରିଛନ୍ତି। ଏ ନେଇ ସୁନାଖଳା ଗ୍ରାମର ଯୁବକମାନେ ବିରୋଧ କରିଥିଲେ। କାହିଁକି ଖେଳପଡ଼ିଆ ନଷ୍ଟ କରାଯାଉଛି। କର୍ମଚାରୀମାନେ ରାସ୍ତା ସହ ଜମିରେ ଖୋଳିଥିବା ଖାଲ ପୋତି ନ ଥିଲେ। ଧାନ ବିଲ ମଧ୍ୟରେ ପାଇପ ଗଦାଇ ରଖିଥିଲେ। ମେଗା ପ୍ରକଳ୍ପର କର୍ମଚାରୀମାନେ ଫତେଗଡ ପୋଲିସ ନିକଟରେ ସୁନାଖଳା ଯୁବକଙ୍କ ନାମରେ ଅଭିଯୋଗ କରିଥିଲେ। ଫତେଗ୍ ଥାନାର ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ଓ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କୁ ଧମକାଇ ଥିଲେ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କିଛି ସମୟ ପାଇଁ

### ମେଗା ପାନୀୟ ପ୍ରକଳ୍ପ

ଉତ୍ତେଜନା ଦେଖାଦେଇଥିଲା। ଗ୍ରାମର ଜନସାଧାରଣ ଅଭିଯୋଗ କରିଥିଲେ, ଚାଷ ବିଲରେ ଧାନ ଗଛ ନଷ୍ଟ ହୋଇଯାଉଛି। ଆମେ କରିବୁ କ'ଣ ଆମର କ୍ଷତିପୂରଣ କିଏ ଦେବ। ତୁମେ ଗଛପତ୍ର ଚାଷଜମି ହୁଡା, ରାସ୍ତା ଘାଟ ଖୋଳି ନଷ୍ଟ କରିସାରିଲେଣି। ପରେ ଫତେଗଡ ଥାନାରେ ଆଲୋଚନା ପରେ ସମାଧାନ ହୋଇଥିଲା। ପୁନଶ୍ଚ ଜେସିବି ମେଶିନ ଆଣି ବିଲରେ ପଶିଲା ବେଳ ସୁନାଖଳା ଗ୍ରାମର ମହିଳାପୁରୁଷ ଛାଡ଼ି ନ ଥିଲେ। ସମସ୍ତେ ବିରୋଧ କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚାଷବାସ ପାଇଁ ଚାଷୀ ଅଣ୍ଟା ଭିଡୁଥିବା ବେଳେ ଜମିକୁ ପାଇପ ବିଛାଇବା ଦାୟିତ୍ୱ ନେଇଥିବା ବ୍ୟକ୍ତି ନଷ୍ଟ କରୁଛନ୍ତି। ଏ ନେଇ ଗ୍ରାମବାସୀ ଓ ଜନପ୍ରତିନିଧି ମହଲରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ଭାପୁର ବ୍ଲକ କଇଁଫୁଲିଆ ପଞ୍ଚାୟତର ସରପଞ୍ଚ ରମେଶ ପ୍ରସାଦ ରାଉତ କହିଛନ୍ତି, ଏହି ପ୍ରକଳ୍ପ ୨୦୨୪ରେ ସରିବାକୁ ଲକ୍ଷ୍ୟ ଥିବା ବେଳେ ଏ ପର୍ଯ୍ୟନ୍ତ ୨୦ ପ୍ରତିଶତ କାମ ମଧ୍ୟ ହୋଇନାହିଁ। ଖରାଦିନେ ପାଇପ କାମ କଲେ ନାହିଁ। ବର୍ଷା ଆସିଲା ବେଳକୁ ଚାଷୀ ଚାଷ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ବିଲ ରାସ୍ତା ଘାଟ ଖୋଳି ନଷ୍ଟ କରୁଛନ୍ତି। ଏହାକୁ ନେଇ ଆଗାମୀଦିନରେ ରାସ୍ତାରୋକୋ କରିବେ ବୋଲି ସୁନାଖଳା ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି।

# ପିଲାଙ୍କ ପଢ଼ା ବହି ବିକ୍ରିକୁ ଅଟକାଇଲେ ଲୋକେ

ନୂଆଗାଁ, ୭।୭ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସରକାରୀ କାଚପଲ୍ଲୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରୁ ଶୁକ୍ରବାର ଶିକ୍ଷୟିତ୍ରୀ ପିଲାଙ୍କ ପଢ଼ା ବହି ବିକ୍ରି କରୁଥିଲେ। ବେପାରୀ ବହି ବସ୍ତା ଗେଟ୍ ବାହାରକୁ ଆଣି ଗାଡ଼ିରେ ଲଦିବା ସମୟରେ ସ୍ଥାନୀୟ ଲୋକ ଓ ଗଣମାଧ୍ୟମ ପ୍ରତିନିଧି ବେପାରୀକୁ ଅଟକାଇ ନୂଆଗାଁ ଅତିରିକ୍ତ ଶିକ୍ଷାଧିକାର ଓ ସିଆରସିଙ୍କୁ ଡ଼ାକି ଦେଖାଇ ଥିଲେ। ଶେଷରେ ବହି ବିକ୍ରି ନ ହୋଇ ପୁଣି ସ୍କୁଲକୁ ନିଆଯାଇଥିଲା।

ନୟାଗଡ ଜିଲାର ବିଭିନ୍ନ ସ୍କୁଲରେ ବହି ବିକ୍ରି ଘଟଣା ଥମିବାର ନାଁ ଧରୁନି। ବହି ବିକ୍ରି ଘଟଣାରେ ବହି କିଣୁଥିବା ବ୍ୟକ୍ତି ଓ ବହି ବିକ୍ରି କରୁଥିବା ଶିକ୍ଷକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆ ଯାଉଥିଲେ ମଧ୍ୟ ବହି ବିକ୍ରି ଘଟଣା ବନ୍ଦ ହେଉନି। ବେପାରୀମାନଙ୍କୁ ଡାକି ନିର୍ଭୟରେ ସ୍କୁଲରୁ ପିଲାଙ୍କ ପଢ଼ା ବହି ବିକ୍ରି କରାଯାଉଛି। ଏପରି ଅଭିଯୋଗ ଆସିଛି ନୂଆଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା କାଚପଲ୍ଲୀ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରୁ। ପୂର୍ବାହ୍ନ ୧୧ଟାରେ ପିଲାଙ୍କୁ ପାଠ ପଢ଼ାଇବା ଛାଡ଼ି ଆଲମାରିରୁ ବହି ସବୁ ବାହାର କରି ଶିକ୍ଷୟିତ୍ରୀ ବେପାରୀଙ୍କୁ ଦେବାରୁ ସେ ଓଜନ କରି ବସ୍ତାରେ ଭର୍ତ୍ତି କରିବା ପରେ ଗାଡ଼ିରେ ଲୋଡ କରିବାକୁ ଆଣିବା ବେଳେ ସ୍ଥାନୀୟ ଲୋକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ହାବୁଡ଼ରେ ପଡ଼ଇଥିଲେ। ଏ ସମସ୍ତ ଘଟଣା ମୋବାଇଲରେ କଏଦ୍ ହୋଇଛି। ବେପାରୀ ଜଣକ କେଜି ପ୍ରତି ୧୨ଟଙ୍କା ହିସାବରେ ମୋଟ ୫୦ କେଜି ବହି କିଣିଥିବା କହିଛନ୍ତି। ବସ୍ତା ଖୋଲି ଦେଖିବାରେ ସେଥିରେ ପ୍ରାୟ ୫୦ ଖଣ୍ଡ ନୂଆ ବହି ସହ କିଛି ଅଫିସ କାଗଜ ପତ୍ର, ପ୍ରଶ୍ନପତ୍ର ରହିଥିବା ଦେଖିବାକୁ ମିଳିଛି। ସେସବୁ ଅଦରକାରୀ ବହି ବହୁ ଦିନରୁ ପଡ଼ି ରହିଥିବାରୁ ବିକ୍ରି କରି ଦେଲୁ ବୋଲି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ନୂଆଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ସେଠୀଙ୍କୁ ଜଣାଇବାରେ ସେ ଘଟଣାସ୍ଥଳକୁ ଆସି ବିକ୍ରି ହୋଇଥିବା ବହି ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ବିକ୍ରି ପାଇଁ ରେଜୁଲେଶନ ହୋଇଥିବା କଥା ପ୍ରଧାନଶିକ୍ଷୟିତ୍ରୀ ଏବିଇଓ ସେଠୀଙ୍କୁ କହିଥିଲେ। ହେଲେ ରେଜୁଲେଶନରେ ବହି ବିକ୍ରି ବାବଦରେ କିଛି ଲେଖା ଯାଇ ନ ଥିବା ଜଣାପଡ଼ିଥିଲା। ଉପସ୍ଥାନ ଅନୁସାରେ ଛାତ୍ରୀଛାତ୍ରମାନଙ୍କ ପାଇଁ ବହି ଆସୁଥିବା ବେଳେ ବହି କେମିତି ବଳକା ରହୁଛି ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଖବରପାଇ ସିଆରସିସି କୌଳାସ ଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ଥିଲେ। ତେବେ ଏବିଇଓ ସେଠୀଙ୍କ ନିର୍ଦ୍ଦେଶ ଅନୁସାରେ ବିକ୍ରି ହୋଇଥିବା ସମସ୍ତ ବହି ସ୍କୁଲରେ ରଖାଯାଇଛି। ସମ୍ପୃକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।


ବିକ୍ରି ହୋଇଥିବା ବହି ସବୁ ଏବିଇଓ ଦେଖୁଛନ୍ତି।

### କାଚପଲ୍ଲୀ ପ୍ରକଳ୍ପ ପ୍ରାଥମିକ ସ୍କୁଲ

### କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଲେ ଏବିଇଓ

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆଦିତ୍ୟ


@ ପଙ୍କଜ


@ ସ୍ପନ୍ଦନ


@ ଦୁର୍ଗାମାଧବ


@ ସୁମନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହିତମା ବନ ବିଭାଗର ଚାରାରୋପଣ

ନୂଆଗାଁ, ୭।୭ (ଧନେଶ୍ୱର ସାହୁ)

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ଅଧୀନରେ ମହିତମା ଫରେଷ୍ଟ ସେକ୍ସନ ପକ୍ଷରୁ ଶୁକ୍ରବାର ବନ ମହୋତ୍ସବ ପାଳନ ଅବସରରେ ଚାରା ରୋପଣ କରାଯାଇଛି। ବନ ମହୋତ୍ସବ ପାଳନ ଅବସରରେ ନୁଆଗାଁ ବ୍ଲକ କୋରଡା ଗ୍ରାମ କାଖରୁମାଡ଼ ରାଜସ୍ୱ ଅଞ୍ଚଳରେ ବିଭିନ୍ନ ପ୍ରଜାତିର ୧୨୦ ଟି ଚାରା ରୋପଣ କରାଯାଇଛି। ମହିତମା ଫରେଷ୍ଟର ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ଏହି ବନ ମହୋତ୍ସବରେ ଚାରା ରୋପଣ କରାଯାଇଥିଲା। ଏଥିରେ ମହିପୁର ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ୍ ଅମ୍ରିତ କୁମାର ସାହୁ, ବନରକ୍ଷୀ ଅର୍ଦ୍ଧେନ୍ଦୁ ପରିଡା, ବିନାୟକ ଜେନା, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ସଦସ୍ୟ ପ୍ରତିମା ଦଳବେହେରା, ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ଚାରାରୋପଣ କରିଥିଲେ।


ଲୋକମାନେ ଚାରାରୋପଣ କରୁଛନ୍ତି।

